# Akashvani, Sambalpur

# SAMBALPURI NEWS MORNING BULLETIN

# 13 March 2026 - 6.47- 6.52 am.

---

ପିଏମ୍ କିଶାନ୍ ସମ୍ମାନ ନିଧି କିସ୍ତି          ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ପି.ଏମ୍ କିଶାନ୍ ସମ୍ମାନ୍ନିଧି ଯୋଜ୍ନାର୍ ୨୨ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନଙ୍କୁ ବାଂଟ୍ବେ । ଆସାମର ଗୁଆହାଟିଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ କରିଏ ପ୍ରଧାନମନ୍ତ୍ରୀ ଦେଶର୍ ୯ କୋଟି ୩୨ ଲାଖ୍ ଚାଷୀଙ୍କୁ ଡିବିଟି କରିଏ ମୋଟ୍ ୧୮ ହଜାର ୬ ଶହ ୪୦ କୋଟି ଟଙ୍କା ସାହାଜ୍ ବାଂଟ୍ବେ । ଯୋଜ୍ନାଥି ଏବ୍ତକ୍ ୪ ଲାଖ୍ ୯ ହଜାର କୋଟି ନୁ ଅଏତ୍କା ଟଙ୍କା ଚାଷୀମାନ୍ଙ୍କୁ ବଂଟାଯାଇଛେ ।

ଇ ଅବ୍ସରେ ରାଜ୍ୟ କୃଷି ଆଉ କୃଷକ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ଓୟୁଏଟି ପରିସର୍ ନ ରାଜ୍ୟସ୍ତରୀୟ ପି.ଏମ୍. କିଷାନ୍ ଉତ୍ସବ୍ ଦିବସ୍ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ

କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍‌ଦେବେ । ପି.ଏମ୍. କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର୍ ଇ କିସ୍ତିଥି ଓଡ଼ିଶାର୍ ୩୪ ଲାଖ୍ ନୁ ଅଏତ୍‌କା ଚାଷୀ ୬ ଶହ ୮୪ କୋଟି ଟଙ୍କା ସାହାଜ୍ ପାଏବେ ।

ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଲନୀ ଆଇ.ଆଣ୍ଡ୍.ପି.ଆର୍

ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ପୁରୀ ଜିଲ୍ଲାର୍ କୋଣାର୍କ ନ ଚାଲିଥିବା ୬ ଦିନିଆ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଲନୀ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିକଶିତ ଓଡ଼ିଶା ଗଠନ୍ ଦିଗେ ମହିଲାମାନ୍‌କର୍ ଭୂମିକାକେ ପ୍ରଶଂସା କରିଛନ୍ । ସମ୍ମିଲନୀଥି ୩ ଶହ ୩୮ ଟା ବ୍ଲକ୍‌ସ୍ତରୀୟ ମହାସଂଘର୍ ୬ ଶହ ୭୬ ଝନ୍ ସଦସ୍ୟ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମହିଲାମାନ୍‌କୁ ନେତୃତ୍ୱ, ଭାବନାତ୍ମକ ବୁଦ୍ଧିମତା, ଦକ୍ଷତା ବିକାଶ୍ ଆଉ ଷ୍ଟାର୍ଟଅପ୍ ସୁଯୋଗ୍ ବାବ୍‌ଦେ ତାଲିମ୍ ଦିଆଯାଇଛେ ।

ଜନଜାତି ବିଭାଗ୍ ବଜେଟ୍ ଆଇ.ଆଣ୍ଡ୍.ପି.ଆର୍

ଇ ବଛର୍ ରାଜ୍ୟ ବଜେଟ୍‌ଥି ଆଦିବାସୀ, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଆଉ ପଛୁଆବର୍ଗର୍ ଶିକ୍ଷା, ଜୀବିକା ଆଉ ସାମାଜିକ୍ ଉନ୍ନତିକେ ନଜର୍‌ଥି ରଖିକରି ବିଭାଗ୍ ଲାଗି ଅର୍ଥ ଅନୁମୋଦନ୍ କରାଯାଇଛେ ବଲି ବିଭାଗ୍‌ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, ଇ ବଛର୍ ଅନୁସୂଚିତ ଜାତି ଆଉ ଜନଜାତି ବିଭାଗ୍ ଲାଗି ମୋଟ୍ ୬ ହଜାର୍ ୬ ଶହ ୪୯ କୋଟି ୩୩ ଲାଖ୍ ୧୨ ହଜାର୍ ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଗଲାବଛର୍‌ଠାନୁ ଇଟା ୩ ପ୍ରତିଶତ୍ ବଢ଼ାଯାଇଛେ । ବଜେଟ୍‌ଥି ୨୩ ଲାଖ୍ ଛାତ୍ରଛାତ୍ରୀଙ୍କର ବୃତି ଲାଗି ୨ ହଜାର୍ ୯୪ କୋଟି ଟଙ୍କା, ଡ୍ରପ୍‌ଆଉଟ୍ କମ୍ କର୍‌ବାର୍‌କେ ଶହୀଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା ଲାଗି ଶହେ ୫୪ କୋଟି, ଧର୍‌ତୀ ଆବା ଜନଜାତି ଗ୍ରାମ ଉନ୍ନତି ଅଭିଯାନ୍ ଲାଗି ୩ ଶହ ୨୫ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ମୁଖ୍ୟ ଶାସନ୍ ସଚିବ-ସାମ୍ବାଦିକ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ରାଜ୍ୟର୍ ସାମ୍ବାଦିକ୍‌ମାନ୍‌କର୍ ସଙ୍ଗେ ସେମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଆଉ ଦାବି ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ସାମ୍ବାଦିକ୍‌ମାନେ ସେମାନ୍‌କର୍ ସାମୂହିକ୍ ସମସ୍ୟା ଆଉ କଲ୍ୟାଣ୍ ବାବ୍‌ଦେ ବହୁତ୍‌ଟେ ପ୍ରସ୍ତାବ୍ ଆଉ ଦାବି ମୁଖ୍ୟ ଶାସନ୍ ସଚିବଙ୍କର୍ ଆଗାଡ଼େ ଉପସ୍ଥାପନ୍ କରିଛନ୍ ।

ଆର୍.ଆଇ.ଡି.ଏଫ୍.-ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଗ୍ରାମୀଣ ଭିତିଭୂମି ପାଣ୍ଠି- ଆର୍.ଆଇ.ଡି.ଏଫ୍.ର ଉଚ୍ଚସ୍ତରୀୟ କମିଟି ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ଉନ୍ନୟନ କମିଶନର୍ ଦେଓରଞ୍ଜନ୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆର୍.ଆଇ.ଡି.ଏଫ୍. ଅଧୀନ୍‌ଥି କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ପ୍ରକଳ୍ପ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରାଯାଇଛେ । ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍‌କେ ବୈଠକ୍‌ଥି ଉନ୍ନୟନ କମିଶନର୍ ବିଭାଗୀୟ

ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଆର୍.ଆଇ.ଡି.ଏଫ୍. ଅଧୀନ୍‌ଥି ଓଡ଼ିଶାକେ ଆହୁରି ଅଏତ୍‌କା ପ୍ରକଳ୍ପ ମଞ୍ଜୁର୍ କର୍‌ବାର୍ ଲାଗି ନାବାର୍ଡ଼କେ ଶ୍ରୀ ସିଂ ପରାମର୍ଶ ଦେଇଛନ୍ ।

ଜିଲ୍ଲାପାଲ୍ ବୈଠକ୍ ସମ୍ବଲପୁର ସମ୍ବାଦଦାତା

ଏଛ୍‌ନିର୍ ସ୍ଥିତିଥି ସମ୍ବଲ୍‌ପୁର୍ ଜିଲ୍ଲା ନ ଗେସ୍ କଳାବଜାର୍ ଉପ୍‌ରେ ଜିଲ୍ଲା ପ୍ରଶାସନ୍ କଡ଼ା ନଜର୍ ରଖିଛେ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ କହିଛନ୍ । ଗେସ୍ ବିତରକ ମାନେ କଳାବଜାର୍ କରୁଥିବା ଅଭିଯୋଗ୍ ଆସ୍‌ଲେ ସେମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ବିତରକମାନ୍‌କର୍ ଲାଇସେନ୍ସ ଭିଲ୍ ରଦ୍ଦ କରାଯାଇପାରେ ବଲି ଜିଲ୍‌ପାଲ୍ କହିଛନ୍ ।

ରନ୍ଧା ଗେସ୍-ଜିଲ୍ଲାପାଲ ବୈଠକ୍ କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲାପାଳଙ୍କର ଅଧ୍ୟକ୍ଷତାଥି ତାଙ୍କର କାର୍ଯ୍ୟାଳୟ ନ ଜିଲ୍ଲାର ସବୁ ଏଲ୍‌ପିଜି, ପେଟ୍ରୋଲ୍, ଡିଜେଲ୍ ବିତରକମାନ୍‌କର

ଗୁଟେ ଜରୁରୀ ବେଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ ପାଓ୍ୱାର ସଚିନ ପ୍ରକାଶ ଜିଲ୍ଲା ନ ଗେସ୍ ଆଉ ଇନ୍ଧନ୍ର ସ୍ଥିତି, ବିକ୍ରିବଟା ଆଉ ଦର୍ଦାମ୍ ବାବ୍ଦେ ଆଲୋଚନା କରିଛନ୍ । ବର୍ତମାନ୍ ସ୍ଥିତିଥି କଳାବଜାରୀନୁ ଦୁରେ ରହେବାର୍ ଲାଗି ଜିଲ୍ଲାପାଲ ବିତରକମାନ୍ଙ୍କୁ ପରାମର୍ଶ ଦେଇଛନ୍ ।

ଅନ୍ତର୍ଜାତୀୟ ଚିତ୍ରକଳା ଶିବିର          ଆର୍ଏନ୍ୟୁ/ ସମ୍ବଲପୁର

ଭିଏତ୍ନାମ୍ର ହନାଇଠାନେ ଚାଲିଥିବା ଅନ୍ତର୍ଜାତୀୟ ଚିତ୍ରକଳା ଶିବିର ଆଉ ପ୍ରଦର୍ଶନୀଥି ସମ୍ବଲ୍ପୁର୍ ସହରର୍ ୨ ଝନ୍ ଚିତ୍ରଶିଳ୍ପୀ ଭାଗ୍ ନେଇଛନ୍ । ଦୁହି ଚିତ୍ରଶିଳ୍ପୀ ପ୍ରେମ୍ଚାନ୍ଦ୍ ରାଉତ୍ ଆଉ ଅନୀଲ୍ କେର୍କେଟା ଓଡ଼ିଶାର୍ କଳା, ସଂସ୍କୃତି ଆଉ ପର୍ଯ୍ୟଟନ୍ କ୍ଷେତ୍ରଥି ଥିବା ସମ୍ଭାବନାକେ ନିଜର୍ କଳାକୃତିଥି ପ୍ରଦର୍ଶନ କରିକରି ପ୍ରଶଂସିତ୍ ହେଇଛନ୍ । ଶିବିର୍ଥି ଭାରତ୍ର ୯ ଝନ୍କର୍ ସହେତେ ୧୨ ଟା ଦେଶର୍ ଚିତ୍ରଶିଳ୍ପୀ ଭାଗ୍ ନେଇଛନ୍ ।

ତିଖାଲି ଡେମ୍ ଲୋକ ମହୋତ୍ସବ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ତିଖାଲି ଡେମ୍ ଲୋକ ମହୋତ୍ସବ ଆଏଜ୍ଠାନୁ ମୁଲ୍ ହେବା । ଇ ବଛର୍ ବିବିଧତା ଭିତ୍‌ରେ ଏକତା ବାର୍ତା ନେଇକରି ମହୋତ୍ସବ ପାଲନ୍ କରାଯାଉଛେ । ୩ ଦିନ୍‌ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ପ୍ରତିଭା ପୂଜନ ସହେତେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବଗଡ଼ ସହେତେ ୮ ଜିଲ୍ଲାର୍ ଗୁଟେ କି ଦୁଇଟା ଜାଗା ନ ଆଏଜ୍ ଧୁକାଗର୍ଡ଼ି ସହେତେ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି ଇଲାକା ନ ପାଗ୍ ଶୁଖା ରହେବା । ଆଏଜ୍ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ ।